## ଜଣେ ଚିହ୍ନଟ, ୨ ସୁସ୍ଥ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ଓଡ଼ାପଡ଼ା ବ୍ଲକର। ଦିନକରେ ୧୦୦୬ ଜଣଙ୍କ ସ୍ୱାବ୍ ପରୀକ୍ଷଣ ହୋଇଥିଲା। ସେହିପରି ୨ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ଏବେ ମୋଟ ୪୨ ସକ୍ରିୟ ଆକ୍ରାନ୍ତ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଟାର୍ଗେଟ୍‌ରେ ବାହାର ରାଜ୍ୟ ଟ୍ରକ୍

**ଅନୁଗୋଳ ଅଫିସ, ୮।୧୦**



- ଅନୁଗୋଳରେ ଭୟ ବଢ଼ାଇଲେଣି ରାଜପଥ ଲୁଟେରା
- ରାତିରେ ବନ୍ଧୁକ ଦେଖାଇ କରୁଛନ୍ତି ଲୁଟ୍
- ବାଦ୍ ପଡୁନାହାନ୍ତି ବାଇକ୍, କାର୍ ଚାଳକ

କୋଭିଡ୍ ସ୍ଥିତି ସୁଧୁରୁଥିବାରୁ ଜୋର୍ ଧରିଲାଣି ବ୍ୟବସାୟ। ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା ବିଭିନ୍ନ କାରଖାନାରୁ ଆରମ୍ଭ ହେଲାଣି ଉତ୍ପାଦନ। ଫଳରେ ଶିଳ୍ପବହୁଳ ଅନୁଗୋଳ ଜିଲାକୁ ଦୈନିକ ଆତଯାତ କରୁଛି ରାଜ୍ୟ ବାହାରର ସହସ୍ରାଧିକ ଟ୍ରକ୍। ଆଉ ରାତି ହେଲେ ଏସବୁ ଟ୍ରକ୍‌କୁ ଟାର୍ଗେଟ୍ କରୁଛନ୍ତି ରାଜପଥ ଲୁଟେରା। ଜିଲା ଦେଇ ଯାଇଥିବା ରାଜପଥଗୁଡ଼ିକର ବିଭିନ୍ନ ସ୍ଥାନରେ ଜଗିରହି ଚାଳକଙ୍କୁ ବନ୍ଧୁକ ଦେଖାଇ କରୁଛନ୍ତି ଲୁଟ୍। ରାଜପଥରେ ପୋଲିସ ପକ୍ଷରୁ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏପରି ଆପରାଧିକ କାର୍ଯ୍ୟ ବଢ଼ିଚାଲିଥିବା ଜିଲାବାସୀ ଅଭିଯୋଗ କରୁଛନ୍ତି।

ଅନୁଗୋଳ ଜିଲା ଦେଇ କଟକରୁ ୫୫ ନଂ. ଜାତୀୟ ରାଜପଥ ସମ୍ବଲପୁରକୁ ସଂଯୋଗ କରୁଛି। ସେହିପରି ବଅଁରପାଳରୁ ୧୫୩ ନଂ. ରାଜପଥ ଦେବଗଡ଼ ଜିଲାକୁ ଲମ୍ବିଛି। ମୁଖ୍ୟତଃ ରାତିରେ ହିଁ ମାଲ ପରିବହନକୁ ଗୁରୁତ୍ୱ ଦିଆଯାଉଥିବାରୁ ଅଧିକ ସଂଖ୍ୟକ ଟ୍ରକ୍ ରାଜପଥରେ ଗଡୁଛି। ତେଣୁ ଏହାକୁ ସୁଯୋଗ ଭାବେ ନେଇ ଲୁଟେରାମାନେ ଟ୍ରକ୍ ଚାଳକଙ୍କୁ ଟାର୍ଗେଟ୍ କରୁଛନ୍ତି। ଗତ ମଙ୍ଗଳବାର ଭୋର ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଚାଳକଙ୍କ ଠାରୁ ଟଙ୍କା ଲୁଟ୍ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଦୈନିକ ଏକାଧିକ ଟ୍ରକ୍ ଚାଳକ ଏପରି ଲୁଟ୍‌ର ଶିକାର ହେଉଥିଲେ ମଧ୍ୟ ପୋଲିସ ଉପରେ ସେମାନେ ସମ୍ପୂର୍ଣ୍ଣ ଭରସା କରିପାରୁ ନାହାନ୍ତି। ଗତ ବୁଧବାର ରାତିରେ ପାଟ୍ରୋଲିଂ ଦାୟିତ୍ୱରେ ଥିବା କେତେଜଣ ପୋଲିସ କର୍ମଚାରୀ ଦୁଇ ଯୁବକଙ୍କୁ ମାଡ଼ ମାରି ୨୮ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ତେଣୁ ଲୁଟ୍ ପରେ ମଧ୍ୟ ଟ୍ରକ୍ ଚାଳକମାନେ ବାଧ୍ୟ ହୋଇ ଚୁପ୍ ରହୁଛନ୍ତି। ସେହିପରି ଏସବୁ ରାଜପଥ ସହ ମହୀଧରପୁର–ବଡ଼କେରା ଦେଇ ଯାଇଥିବା ରାସ୍ତାରେ ରାତିରେ ଲୁଟ୍‌ପାଟ ବଢ଼ିଚାଲିଛି। ବାଇକ୍ ଓ କାର୍ ଚାଳକ ବାଦ୍ ପଡୁ ନ ଥିବାରୁ ବିଳମ୍ବିତ ରାତିରେ ଯାତ୍ରୀମାନେ ଯାତାୟାତକୁ ଭୟ କଲେଣି। ଏ ନେଇ ଅନୁଗୋଳ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜପଥ ଉପରେ ପୋଲିସ କଡ଼ା ନଜର ରଖିଛି। କେତେଜଣ ଲୁଟେରାଙ୍କୁ ଗିରଫ କରାଯାଇଛି। ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ।

### ପାଟ୍ରୋଲିଂରେ ସୁଧାର ଲୋଡ଼ା



"ରାତିରେ ପାଟ୍ରୋଲିଂ ଗାଡ଼ି ଦେଖିବାକୁ ମିଳୁନି। ଫଳରେ ନାନା ଆଶଙ୍କା ମଧ୍ୟରେ ଯାତ୍ରୀ ନେଇ ଯାତାୟାତ କରୁଛୁ। ହୁଗୁଳା ପୋଲିସ ବ୍ୟବସ୍ଥାରେ ସରକାର ସୁଧାର ଆଣିବା ଦରକାର। ନଚେତ ସମସ୍ୟା ବଢ଼ିବ।

**-ସନ୍ତୋଷ ସାହୁ, ସମ୍ପାଦକ, ଡ୍ରାଇଭର ସଂଘ, ପାଲଲହଡ଼ା**

### ଜୀବନ ପ୍ରତି ବିପଦ ରହୁଛି



"ବିଳମ୍ବିତ ରାତିରେ ବନ୍ଧୁକ, ଭୁଜାଲି ଦେଖାଉଛନ୍ତି। ଟଙ୍କା ନ ଦେଲେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଫଳରେ ରାତିରେ ଯାତାୟାତ ବେଳେ ଜୀବନ ପ୍ରତି ବିପଦ ଆଶଙ୍କା ରହୁଛି।

**-ଭାବଗ୍ରାହୀ ପୁହ, ସଭାପତି, ଆଞ୍ଚଳିକ ଡ୍ରାଇଭର ସଂଘ**

### ନାମକୁ ମାତ୍ର ସୁରକ୍ଷା



"ରାଜପଥରେ ଯାତ୍ରୀ ଓ ଗାଡ଼ି ଚାଳକଙ୍କୁ ପୋଲିସ ହିଁ ରାତିରେ ସୁରକ୍ଷା ଦେଇପାରିବ। ହେଲେ ଅନୁଗୋଳ ଜିଲାର ରାଜପଥଗୁଡ଼ିକରେ ପାଟ୍ରୋଲିଂ କେବଳ ନାମକୁ ମାତ୍ର। ସେଥିପାଇଁ ରାତିରେ ଯାତାୟାତ ଏଠାରେ ଅସୁରକ୍ଷିତ।

**-ଅଶୋକ କୁମାର ସାହୁ, ବୁଦ୍ଧିଜୀବୀ**

## ସଂକ୍ଷେପରେ

### ଚିକିତ୍ସାଧୀନ କଏଦୀ ମୃତ

ତାଳଚେର, ୮।୧୦(ନି.ପ୍ର.)- ତାଳଚେର ସ୍ୱତନ୍ତ୍ର ଉପକାରାଗାରରେ ସଜା କାଟୁଥିବା କଏଦୀ ଜଗ ମୁଣ୍ଡା (୫୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ମୃତ୍ୟୁ ହୋଇଛି। ତାଙ୍କ ଘର ପାଲଲହଡା ବ୍ଲକ ଅଞ୍ଚଳରେ। ସେ ଦୁଇଦିନ ତଳେ ତାଳଚେର ସଦର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବାରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଶନିବାର ପରିବାର ଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ଜେଲ୍ ପକ୍ଷରୁ ସୂଚନା ମିଳିଛି।

### ୬ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୮।୧୦- ଅନୁଗୋଳ ଜିଲାରୁ ଶୁକ୍ରବାର ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୮୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ବଅଁରପାଳ ବ୍ଲକରୁ ୩ଜଣ, ତାଳଚେର ବ୍ଲକରୁ ୩ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୩ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ବନ୍ୟପ୍ରାଣୀ ସପ୍ତାହ ପାଳିତ

ବଇଣ୍ଡା,୮।୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ ହାଇସ୍କୁଲ ପରିସରରେ ଧଣ୍ଡାତୋପା ବନବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବୈକୁଣ୍ଠ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେଞ୍ଜର ରବିନାରାୟଣ ମହାନ୍ତି, ଅନ୍ୟତମ ଅତିଥି ଭାବେ ଫରେଷ୍ଟର ସୁବ୍ରତ କୁମାର ଶତପଥୀ, ସନ୍ତୋଷ କୁମାର ନାୟକ, ସୁମନ୍ତ ସାହୁ, ସନ୍ତୋଷ ବାଗ ପ୍ରମୁଖ ଯୋଗ ଦେଇ ବନ୍ୟଜନ୍ତୁ ଶିକାର ବଢୁଥିବାରୁ ଜଙ୍ଗଲକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଚାଳକ ସଂଘ ପକ୍ଷରୁ ମନ୍ଦିର ସଫେଇ



ବଇଣ୍ଡା,୮।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ସାଧୁପାଳ ମନ୍ଦିରକୁ ଗୁରୁବାର ମହାଲକ୍ଷ୍ମୀ ଅଟୋ ଚାଳକ ସଂଘ ପକ୍ଷରୁ ସଫେଇ କରାଯାଇଛି। କ୍ଲବର ସମସ୍ତ ସଦସ୍ୟ ଏକଜୁଟ ହୋଇ ମନ୍ଦିର ଚତୁଃପାର୍ଶ୍ୱ ସଫେଇ କରିଥିଲେ। ଏଥିସହ ମନ୍ଦିରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଈଶ୍ୱର ଚନ୍ଦ୍ର ପ୍ରଧାନ, ଚିମନ ସାହୁ, ଶିଶିର ପ୍ରଧାନ, ଅନୁପ ପ୍ରସାଦ, ରବୀନ୍ଦ୍ର ପ୍ରଧାନ, ଜିତେନ ପ୍ରଧାନ, ନନ୍ଦ ପ୍ରଧାନ, ସୁଶାନ୍ତ ପ୍ରଧାନ, ରାଜେନ୍ଦ୍ର ସାହୁ, ପ୍ରକାଶ ପ୍ରଧାନ ପ୍ରମୁଖ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

### କାଠ ଜବତ, ୪ ଗିରଫ



ଆଠମଲ୍ଲିକ, ୮।୧୦(ଡି.ଏନ.ଏ.)- ଆଠମଲ୍ଲିକ ବନଖଣ୍ଡ ଅଧୀନ ୪୪ ନମ୍ବର ହାତୀଧରା ସଂରକ୍ଷିତ କମ୍ପାର୍ଟମେଣ୍ଟ ଅଞ୍ଚଳରେ ଶୁକ୍ରବାର ଆଠମଲ୍ଲିକ ବନାଞ୍ଚଳ କର୍ମଚାରୀମାନେ ଚଢାଉ କରି ୪ଟି କାଠଗଣ୍ଡି ଜବତ କରିଛନ୍ତି। ଏହି ଘଟଣାରେ ନଅଗାଁ ପଞ୍ଚାୟତ ଅନ୍ତରସିଙ୍ଗା ଗ୍ରାମର ବିନୋଦ ବେହେରା (୪୫) ଓ ହରିହରପୁର ଗ୍ରାମର ରବୀନ୍ଦ୍ର ଦେହୁରୀ (୨୮)ଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ବନାଞ୍ଚଳ ଅଧିକାରୀ କୈଳାସ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ବନପାଳ ଗୌରଚନ୍ଦ୍ର ଦନ୍ତା ଓ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେହିପରି ଜଙ୍ଗଲରୁ ପଟ୍ଟା ଆଣୁଥିବା ବେଳେ ପୁରୁଣାମାଣତ୍ରୀ ପଞ୍ଚାୟତ ଗୋପାଳପୁର ଗ୍ରାମର ଧର୍ମୁ ମୁଣ୍ଡା(୩୬) ଏବଂ ନରେନ୍ଦ୍ର ପ୍ରଧାନ(୪୦)ଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଫେରାର ହୋଇଯାଇଥିବାବେଳେ ତିନୋଟି ସାଇକେଲ ଓ ପଟ୍ଟା ଜବତ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ସେବା କ୍ଷେତ୍ର ବିସ୍ତାର ଆହ୍ୱାନ





ରୋଟାରୀ କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୮।୧୦**

ରୋଟାରୀ କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ରାଜେଶ ସରଳିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଖିଳ ପଣ୍ଡା, ଉପଦେଷ୍ଟା ନିରାଦନନ୍ଦ ନନ୍ଦ ପ୍ରମୁଖ ଯୋଗ ଦେଇ ସମାଜସେବା କ୍ଷେତ୍ରକୁ ଅଧିକ ବିସ୍ତାରିତ କରିବା ପାଇଁ ଆହ୍ୱାନ କରିଥିଲେ। ସଭାପତି ରାଜେଶ ସରଳିଆ ସ୍ୱାଗତ ଭାଷଣ, ସମ୍ପାଦକ ପ୍ରକାଶ ଅଗ୍ରୱାଲା ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଶୋକ ମାଣ୍ଡୋଠିଆ ନୂଆ ସଭାପତି ଏବଂ ଅମ୍ବିକା ପ୍ରସାଦ ସାହୁ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ନୂଆ ନିର୍ଦ୍ଦେଶକ ମଣ୍ଡଳୀ ଗଠନ କରାଯାଇଥିଲା। ତନଭି ସରଳିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡାକ୍ତର ପ୍ରଭାତ କୁମାର ପଣ୍ଡା, ଡା. ବିଛନ୍ଦ ଚରଣ ପ୍ରଧାନ, ନାରାୟଣ ରଥ, ବିଶ୍ୱଜିତ ପଟ୍ଟନାୟକ, ପ୍ରଦୀପ୍ତ କୁମାର ମହପାତ୍ର, ବିକାଶ ମୋଦୀ ପ୍ରମୁଖ ସହଯୋଗ କରିଥିଲେ। ହରଗୋବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୮।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୁଶକିଳା ପଞ୍ଚାୟତରେ କୋଶଳା ଭାଜପା ମଣ୍ଡଳ ସମ୍ପାଦକ ଜଗଦୀଶ ସାହୁଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଶକିଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ଯୋଗଦେଇଥିଲେ। ମୋଟ୍ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଗୋପବନ୍ଧୁ ଗଡନାୟକ, ମଦନମୋହନ ଗଡନାୟକ, ଶରତ ଚନ୍ଦ୍ର ସାହୁ, ଫକୀରମୋହନ ସାହୁ, ବିଜୟ ମାଝି, ଚୌଧୁରୀ ପ୍ରଧାନ, ଅଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କୁଶକିଳା ପଞ୍ଚାୟତ ସମ୍ପାଦକ ଗଗନବିହାରି ସାହୁ, କୁନା ପ୍ରଧାନ, ପୀତାମ୍ବର ସାହୁ, ପିଙ୍କୁ ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଜମ୍ବେଶ୍ୱର ସାହୁ ପ୍ରମୁଖ ଜନସମ୍ପର୍କ ପଦଯାତ୍ରାରେ ସାମିଲ ଥିଲେ।



ଶିବିରରେ ଉପସ୍ଥିତ ରକ୍ତଦାତାଙ୍କୁ ଏମ୍‌ପି ଉତ୍ସାହିତ କରୁଛନ୍ତି।

## ମଦ ଜବତ, ୬ ଗିରଫ



**ବଇଣ୍ଡା/ ଛେଣ୍ଡିପଦା, ୮।୧୦, (ଡି.ଏନ୍.ଏ)**

କିଶୋରନଗର ଥାନା ଧଉରପାଳ ଗ୍ରାମରେ ଶୁକ୍ରବାର ବେଆଇନ ମଦ ରନ୍ଧା ଓ ବିକ୍ରି ଅଭିଯୋଗରେ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପଦ୍ମନ ଭୋଇ, ହୃଷିକେଶ ମିର୍ଦ୍ଧା, ଯୋଗେନ୍ଦ୍ର ମିର୍ଦ୍ଧାଙ୍କୁ ଗିରଫ କରାଯାଇଛି। ୨୧୫ ଲିଟର ମହୁଲୀ ଜବତ ହୋଇଛି। ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଉପନିରୀକ୍ଷକ ସଞ୍ଜୀବ କୁମାର ଶର୍ମା, ପ୍ରଫୁଲ୍ଲ କୁମାର ପତି ପ୍ରମୁଖ ଚଢ଼ାଉ କରିଥିଲେ। ସେହିପରି ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଛେଣ୍ଡିପଦା ଥାନା ଅଞ୍ଚଳର କୋଶଳା, ବ୍ରାହ୍ମଣବିଲ ଓ ସନ୍ତରାବନ୍ଧ ଗ୍ରାମରେ ଚଢ଼ାଉ କରାଯାଇ ୬୭ ଲିଟର ମହୁଲି, ୩୨୦ କେଜି ପୋଚ ଜବତ କରାଯାଇଛି। ଝିଲି ବେହେରା, ଶିଶିର ପ୍ରଧାନ ଓ ରମେଶ ସାହୁଙ୍କୁ ଗିରଫ କରାଯାଇଛି। ଇନ୍ସପେକ୍ଟର ଦିଲୀପ ବେହେରାଙ୍କ ସହ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

## ଆହତ ଅହିରାଜ ଉଦ୍ଧାର



**କଣିହାଁ,୮।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପରୁ ଶୁକ୍ରବାର ବନବିଭାଗ ଏକ ୬ଫୁଟ ଲମ୍ବର ଆହତ ଅହିରାଜ ଉଦ୍ଧାର କରିଛି। କେତେଜଣ ଲୋକଙ୍କ ଆକ୍ରମଣରେ ଅହିରାଜ ଆହତ ହୋଇଥିବା ଜଣାପଡିଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀଙ୍କ ସୂଚନା ଅନୁଯାୟୀ, ଅହିରାଜକୁ ଚିକିତ୍ସା ପରେ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଛି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣା

**ଆଠମଲ୍ଲିକ,୮।୧୦(ଡି.ଏନ.ଏ.)**



ଥାନା ସମ୍ମୁଖରେ ଅଭିଯୋଗକାରୀଙ୍କ ସହ ଗ୍ରାମବାସୀ।

ଜଳ ବିଭାଜିକା କମିଟି ସଭାପତି ଓ ସମ୍ପାଦକ ଚୟନ ବୈଠକ ବେଳେ ବିବରଣୀ ଖାତା ଛଡ଼ାଇନେବା ଓ ନୂଆ ସମ୍ପାଦିକାଙ୍କୁ ଗାଳିଗୁଲଜ କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବିରେ ଆଠମଲ୍ଲିକ ଥାନା ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଛି। ଥାନାରେ ଅଭିଯୋଗ ପରେ ପୋଲିସ ନମ୍ବର ୧୭୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ, ଅଏଡା ପଞ୍ଚାୟତ ଅନନ୍ତପାଲି ଗ୍ରାମ ଆମ୍ବତୋଟାରେ ଏକ ବୈଠକ ବସିଥିଲା। ଗ୍ରାମବାସୀ ନୂଆ ସମ୍ପାଦିକା ଭାବେ ପ୍ରଭାତୀ ମୁଖୀଙ୍କୁ ମନୋନୀତ କରିବା ପରେ ଏହାକୁ ବିରୋଧ କରି ଗ୍ରାମର ସଞ୍ଜୀବ ଭୋକ୍ତା ବିବରଣୀ ଖାତା ଛଡାଇ ନେଇଥିଲେ। ଏଥିସହ ପ୍ରଭାତୀଙ୍କୁ ଜାତିଆଣ ଅକ୍ଷେପ କରି ଗାଳିଗୁଲଜ କରିଥିଲେ। ଏ ନେଇ ମୁଖୀ ପ୍ରଥମେ ଜାମୁଡୋଲି ଫାଣ୍ଡି ଓ ପରେ ଆଠମଲ୍ଲିକ ଥାନାକୁ ଆସି ଅଭିଯୋଗ ସହ ଧାରଣାରେ ବସିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏହରା ତଦନ୍ତ କରିବେ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ଦାସ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

# ଅନ୍‌ଲାଇନରେ ପରୀକ୍ଷା ଦାବି

**ଅନୁଗୋଳ ଅଫିସ, ୮।୧୦**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଫଲାଇନ୍ ପରୀକ୍ଷା ନିଷ୍ପତ୍ତିକୁ ବିରୋଧ କରିଛନ୍ତି ଛାତ୍ରୀଛାତ୍ର। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରୀଛାତ୍ର ଶୁକ୍ରବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। କରୋନା ସଂକ୍ରମଣ ଭୟ ଥିବାରୁ ସମସ୍ତ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍ ମୋଡରେ କରିବାକୁ ସେମାନେ ଦାବି କରିଛନ୍ତି। ଛାତ୍ରୀଛାତ୍ରମାନେ କହିଛନ୍ତି, ଉଚ୍ଚଶିକ୍ଷା ବିଭାଗ ଗତ ଅଗଷ୍ଟ ୬ ତାରିଖରେ ଏକ ସର୍କୁଲାର ଜାରି କରିଥିଲା। ଏଥିରେ କୁହାଯାଇଥିଲା, କରୋନା ସ୍ଥିତିକୁ ଦେଖି ପରୀକ୍ଷା ଅନଲାଇନ୍ କିମ୍ବା ଅଫଲାଇନ୍ ମୋଡରେ କରାଯିବ, ସେ ନେଇ କଲେଜ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ। ତେବେ କରୋନା ଭୟ କମି ନ ଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଏଯାଏ ଟିକା ନେଇନାହାନ୍ତି। ତେଣୁ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ତେଣୁ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଚତୁର୍ଥ ସେମିଷ୍ଟାର ଅନଲାଇନ୍‌ରେ କରିବାକୁ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମିନିଷ୍ଟାଡିୟମରେ ସଫେଇ

**ଢେଙ୍କାନାଳ ଅଫିସ, ୮।୧୦**

ସେବା–ସମର୍ପଣ ଅଭିଯାନ ଉପଲକ୍ଷେ ଢେଙ୍କାନାଳ ଭାଜପା ନଗରମଣ୍ଡଳ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମରେ ସ୍ୱଚ୍ଛଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ନଗରମଣ୍ଡଳ ସଭାପତି ଅଜୟ ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆବର୍ଜନା ସଫା କରାଯାଇଥିଲା। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଭାଜପା ନେତା ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ନୀରୋଦ ସାହୁ, ସନ୍ତୋଷ ରାଉତ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ବ୍ୟବସାୟୀଙ୍କ ଦାବିପତ୍ର

**ଅନୁଗୋଳ ଅଫିସ,୮।୧୦**

ଅନୁଗୋଳ ବସ୍‌ଷ୍ଟାଣ୍ଡ ଗୋଲେଇ ମାର୍କେଟ ପରିସରରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ଏବଂ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ପୋଲିସ ମୁତୟନ କରିବାକୁ ଗୋଲେଇ ମାର୍କେଟ ବ୍ୟବସାୟୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବ୍ୟବସାୟୀମାନେ ଦର୍ଶାଇଛନ୍ତି, ନୂଆ ଅବକାରୀ ନୀତିର ଏଠାରେ ଉଲ୍ଲଂଘନ ହେଉଛି। ସକାଳୁ ବିଳମ୍ବିତ ରାତିଯାଏ ବହୁ ଗ୍ରାହକ ଦୋକାନ ସମ୍ମୁଖରେ ମଦ୍ୟପାନ କରୁଛନ୍ତି। ଅନେକ ସମୟରେ ବ୍ୟବସାୟୀ, ସାଧାରଣ ଲୋକଙ୍କୁ ଗାଳିଗୁଲଜ, ମାରପିଟ କରୁଛନ୍ତି। ଥାନାରେ ଅଭିଯୋଗ କରାଗଲେ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ବ୍ୟବସାୟୀ ସଞ୍ଜୟ ନନ୍ଦ, ବିଷ୍ଣୁ ସାହୁ, ବିଷ୍ଣୁ ନାୟକ, ନିରଞ୍ଜନ ନାୟକ, ଶୁଭ୍ରାଂଶୁ ସାହୁ, ବି.କେ. ଦାଶ, ମାନସ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ସୁରକ୍ଷା, ବଂଶବୃଦ୍ଧି ଉପରେ ଗୁରୁତ୍ୱ

**ଆଠମଲ୍ଲିକ,୮।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବନାଞ୍ଚଳ ପକ୍ଷରୁ ଶୁକ୍ରବାର ନଅଗାଁ ପଞ୍ଚାୟତ କମଳପୁର ପ୍ରାଥମିକ ବିଦ୍ୟାଳୟରେ ୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ବନରକ୍ଷୀ ବୈଜୟନ୍ତ ନାୟକ, କମଳପୁର ବନ ସୁରକ୍ଷା ସମିତି ସଭାପତି ହିମାଦ୍ରୀ ଭୋକ୍ତା, କ୍ଷେତ୍ର ସଂଯୋଜକ କିଶୋର ବଲ୍ଲଭ ନନ୍ଦ, ବାସୁଦେବ ଚାଉଳିଆ, ସହଯୋଗୀ ସଂସ୍ଥା ବିଶ୍ୱ ଯୁବ କେନ୍ଦ୍ରର ଉନ୍ନୟନ ଅଧିକାରୀ ଶ୍ୱେତମ୍ବର ମଲ୍ଲିକଙ୍କ ସମେତ ଛାତ୍ରୀଛାତ୍ର ଓ ବନସୁରକ୍ଷା ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବଂଶବୃଦ୍ଧି ନିମନ୍ତେ ସମସ୍ତେ ଯତ୍ନବାନ ହେବା ଦରକାର ବୋଲି ଆଲୋଚନା କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଲେ ମହିଳା

## ବିଳମ୍ବରେ ଟିକା ଦିଆଯିବାରୁ ଉତ୍ତେଜନା

**ବଇଣ୍ଡା,୮।୧୦(ଡି.ଏନ.ଏ.)**



ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମହିଳାମାନେ ଆନ୍ଦୋଳନ କରୁଛନ୍ତି।

ଆଠମଲ୍ଲିକ ବ୍ଲକ ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର କୋରୋନା ଟିକା ପ୍ରଦାନରେ ବିଳମ୍ବ ନେଇ ଉତ୍ତେଜନା ଦେଖାଦେଇଥିଲା। ସ୍ୱାସ୍ଥ୍ୟ ଅଧିକାରୀମାନେ ଟିକା ପ୍ରଦାନରେ ଅବହେଳା ଅଭିଯୋଗ କରି ଧାଡ଼ିରେ ଅପେକ୍ଷା କରିଥିବା ମହିଳାମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଖବରପାଇ ଠାକୁରଗଡ ପୋଲିସ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଅଟକ ଥିବା କର୍ମଚାରୀଙ୍କୁ ବାହାର କରିଥିଲେ।

ଘଟଣାରୁ ଜଣାପଡିଛି, ପାଇକସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୧୦ ଡୋଜ୍ ଟିକା ଆସିଥିଲା। ସକାଳୁ ଟିକା ନେବାକୁ ପାଇକସାହି ତଥା ଆଖପାଖ ପଞ୍ଚାୟତରୁ ବହୁ ମହିଳାପୁରୁଷ ଡାକ୍ତରଖାନାକୁ ଆସି ଲାଇନ ଲଗାଇଥିଲେ। ହେଲେ ନିର୍ଦ୍ଧାରିତ ସମୟଠାରୁ ଏକ ଘଣ୍ଟା ବିଳମ୍ବରେ ଟିକା ଦିଆଯିବାରୁ ଉତ୍ତେଜନା ଦେଖାଯାଇଥିଲା। ୨୬୦ ଜଣ ଟିକା ନେଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ ବନ୍ଦ କରିଦିଆଯାଇଥିଲା। ଦଳିତ ସମ୍ପ୍ରଦାୟର ମହିଳାମାନେ ଟିକା ନେବାକୁ ସକାଳୁ ଆସି ଅପେକ୍ଷା କରିଥିବାରୁ ଏହାର ପ୍ରତିବାଦ କରି କର୍ମଚାରୀମାନଙ୍କୁ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ସୁନୀଲ କୁମାର ପଣ୍ଡା କହିଛନ୍ତି, ଲୋକଙ୍କ ଅସହଯୋଗ ଯୋଗୁ ଟିକାକରଣରେ ଅବ୍ୟବସ୍ଥା ହୋଇଛି। ଲୋକେ ବିନା କାରଣରେ ସେଠାରେ ଗଣ୍ଡଗୋଳ ସୃଷ୍ଟି କରିବା ସହ ଅପରାହ୍ନରେ ୨ ଘଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଲା ପକାଇ ଦେଇଥିଲେ। ଫଳରେ ଟିକା ଦେବାରେ ଅସୁବିଧା ସୃଷ୍ଟି ହୋଇଥିଲା। ସମୟ ସରି ଯାଇଥିବା ଯୋଗୁ ୫୦ ଟିକା ରହିଯାଇଛି। ପୁଣି କିଛି ଦିନ ପରେ ଦିଆଯିବ।

## ନନ୍ଦକିଶୋର ସଭାପତି, ପୂର୍ଣ୍ଣଚନ୍ଦ୍ର ସମ୍ପାଦକ

**ଭୁବନ, ୮।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନସ୍ଥିତ ମା' ସିଦ୍ଧରାମଚଣ୍ଡୀ ପାଣି ପଞ୍ଚାୟତ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନନ୍ଦକିଶୋର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ଶୁଭକାନ୍ତ ବର୍ଦ୍ଧନ ନିର୍ବାଚିତ ହୋଇଛନ୍ତି। ୧୮ ଜଣ ଚାଷୀ ମତଦାନ ସାବ୍ୟସ୍ତ କରିଥିଲେ। ରେଙ୍ଗାଳି ବାମ କେନାଲ କନିଷ୍ଠଯନ୍ତ୍ରୀ ସୋମନାଥ ସେଠୀ, ସରକାରୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ନିର୍ବାଚନ ପରିଚାଳନା କରିଥିଲେ।



ନବନିର୍ବାଚିତ କର୍ମକର୍ତ୍ତା।

